୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.238 Bhubaneswar Thursday November 06 2025 | ୨୭ତମ ବର୍ଷ ସଂଖ୍ୟା–୨୩୮ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୦୬, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## କଳ୍ପନା ଢୋଲକିଆଙ୍କୁ ବିଜେଡିର କଡ଼ା ଜବାବ ; ରାଜୁ ଭାଇଙ୍କୁ କେବେ ବି ଅବହେଳା କରିନି ବିଜେଡି



ଭୁବନେଶ୍ୱର,(ପି.ଏନ): ନୂଆପଡ଼ାର ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ମାଆ କଳ୍ପନା ଢୋଲକିଆଙ୍କୁ ବିଜେଡିର କଡ଼ା ଜବାବ । ପୂର୍ବତନ ମନ୍ତ୍ରୀ ରାଜୁ ଢୋଲକିଆଙ୍କୁ ଅବହେଳା କରାଯାଇଥିବା ବୋଲି କଳ୍ପନା ଢୋଲକିଆ ଯେଉଁ ଅଭିଯୋଗ କରିଛନ୍ତି, ତାର କଡ଼ା ଜବାବ ଦେଇଛି ବିଜେଡି । ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସଂପାଦକ ଟୁକୁନି ସାହୁ କହିଛନ୍ତି, କଳ୍ପନାଙ୍କ ଅଭିଯୋଗ ଆମକୁ ଦୁଃଖ ଦେଇଛି । ବିଜେଡିର ସକ୍ରିୟ କର୍ମୀ ହୋଇଥିବାରୁ ସେ ବିଭିନ୍ନ ପ୍ରମୁଖ ପଦପଦବୀ ପାଇଥିଲେ । ଦଳ ତାଙ୍କୁ ମନ୍ତ୍ରୀ କରିଥିଲା । ସେ ଅସୁସ୍ଥ ଥିବା ବେଳେ ନବୀନ ବାବୁଙ୍କର ମଧ୍ୟ ସର୍ଜରି ଓ ଟ୍ରିଟମେ[ ହୋଇଥିଲା । ତଥାପି ରାଜୁ ଭାଇଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ସବୁବେଳେ ପଚ଼ାରି ବୁଝୁଥିଲେ ନବୀନ ବାବୁ । ରାଜୁ ଭାଇଙ୍କୁ ଏୟାରଲିଫ୍ଟ କରିବାରୁ ଦଳ ସାହାଯ୍ୟ କରିଥିଲା । ତାଙ୍କର ସମସ୍ତ କ୍ରିୟାକର୍ମରେ ଦଳର ବରିଷ୍ଠ ନେତା ଉପସ୍ଥିତ ରହି ସବୁ ବୁଝାବୁଝି କରିଥିଲେ । ଏଥିପାଇଁ ନିର୍ଦ୍ଦେଶ ଦେଇଥିଲେ ନବୀନ ପଟ୍ଟନାୟକ । ଉପନିର୍ବାଚ଼ନ ପୂର୍ବରୁ ରାଜୁ ଢୋଲକିଆଙ୍କ ପତ୍ନୀ କଳ୍ପନାଙ୍କୁ ପ୍ରାର୍ଥୀ କରିବାକୁ ବିଜେଡି ପ୍ରସ୍ତାବ ଦେଇଥିଲା । କିନ୍ତୁ ହିନ୍ଦି କହୁଥିବାରୁ ସେ ପ୍ରାର୍ଥୀ ହେବାକୁ ମନା କରିଦେଇଥିଲେ । ଏହା ପରେ ତାଙ୍କ ପୁଅ ଜୟ ଢୋଲକିଆଙ୍କୁ ମଧ୍ୟ ପ୍ରାର୍ଥୀ କରିବାକୁ ଦଳ ତରଫରୁ ପ୍ରସ୍ତାବ ଦିଆଯାଇଥିଲା । ସେ ବି ପ୍ରଥମେ କହୁଥିଲେ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି । ପରେ ହଠାତ ଦଳ ଛାଡ଼ି ଅନ୍ୟ ପାର୍ଟିକୁ ଗଲେ । ହଠାତ କାହିଁକି ଗଲେ, କାହିଁକି ଏବେ ଏପରି କହୁଛନ୍ତି, ତାହା ସମସ୍ତେ ଜାଣନ୍ତି । ନବୀନ ବାବୁ ପ୍ରଚ଼ାର କରିବା ପରେ ନୂଆପଡ଼ାରେ ସମସ୍ତେ ନିଶ୍ଚିତ ଯେ, ବିଜେଡି ଜିତୁଛି । ତେଣୁ ଏବେ ନାନା କଥା କହୁଛନ୍ତି । ଆଗରୁ ତ କିଛି କହୁନଥିଲେ କଳ୍ପନା । ନୂଆପଡ଼ାବାସୀ ଠିକ୍ ଜବାବ ଦେବେ ବୋଲି କହିଛନ୍ତି ଟୁକୁନି ସାହୁ ।

## ଆମେରିକାର ଲୁଇଭେଲିରେ କାର୍ଗୋ ପ୍ଲେନ କ୍ରାସ ; ୭ ମୃତ ଓ ୧୧ ଆହତ



ଭୁବନେଶ୍ୱର,(ପି.ଏନ): ଆମେରିକାର କେଂଟୁକିସ୍ଥିତ ଲୁଇଭେଲିରେ କାର୍ଗୋ ପ୍ଲେନ କ୍ରାସ । ୟୁପିଏସ କାର୍ଗୋ ପ୍ଲେନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ୭ ଜଣ । ଆହତ ହୋଇଛନ୍ତି ୧୧ ଜଣ । ଲୁଇଭେଲି ବିମାନ ବନ୍ଦରରୁ କାର୍ଗୋପ୍ଲେନଟି ଉଡ଼ାଣ ଭରିବା ମାତ୍ରେ ଇଞ୍ଜିନଟି ଜଳିଯାଇ ଅଗ୍ନିପିଣ୍ଡୁଳାରେ ପରିଣତ ହୋଇଯାଇଥିଲା । ୟୁପିଏସ ୱାର୍ଲଡପୋର୍ଟରୁ ହୋନୁଲୁଲୁକୁ ଯିବାକୁ ଥିବା ଏହି ବିମାନଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା । ଉଡ଼ାଣ ଆରମ୍ଭ କରିବା ବେଳେ ପ୍ରଥମେ ଇଞ୍ଜିନରୁ ଧୂଆଁ ବାହାରିଥିଲା । ପରେ ପରେ ଇଞ୍ଜିନଟି ଜଳିଯାଇଥିଲା । ୧୯୯୧ରେ ମାକଡୋନେଲ ଡୋଗଲାସ ଏମଡି–୧୧ ବିମାନ ନିର୍ମିତ ହୋଇଥିଲା । ଏହି ବିମାନବନ୍ଦରରୁ ନିକ ୩୦୦ ବିମାନ ଉଡାଣ ଭରିଥାନ୍ତି ।

## ବ୍ରହ୍ମପୁର ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣା : ୬ ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ନେଲା ପୋଲିସ



ଭୁବନେଶ୍ୱର,(ପି.ଏନ): ବ୍ରହ୍ମପୁର ପୀତବାସ ପଣ୍ଡା ହତ୍ୟା ମାମଲାରେ ୬ ଅଭିଯୁକ୍ତ ପୋଲିସ ରିମାଣ୍ଡରେ । ଅଭିଯୁକ୍ତ ଉମା ବିଶୋୟୀ, କୁରୁପତି ଭୂୟାଁ, ଚି[ ପ୍ରଧାନ, ଯୋଗୀ ରାଉତ, କର୍ପୋରେଟର ମଳୟ ବିଶୋୟୀ ଓ ମଦନ ଦଳାଇଙ୍କୁ ୭ ଦିନିଆ ରିମାଣ୍ଡରେ ନେବାକୁ ବ୍ରହ୍ମପୁର ଝଉଔଗ କୋର୍ଟରେ ପୋଲିସ ଆବେଦନ କରିଥିଲା । କୋର୍ଟ ୨ ଦିନ ପାଇଁ ଅନୁମତି ଦେଇଛନ୍ତି । ଗତ ରାତିରେ ହିଁ କୁରୁପତି ଓ ଉମାକୁ ରିମାଣ୍ଡରେ ନେଇଛି ପୋଲିସ । ବାକି ୪ ଅଭିଯୁକ୍ତଙ୍କୁ ମଧ୍ୟ ରିମାଣ୍ଡରେ ନେଇଛି ପୋଲିସ । ସମସ୍ତଙ୍କୁ ମୁହାଁମୁହିଁ ଜେରା କରି ପୋଲିସ ବହୁ ତଥ୍ୟ ହାସଲ କରିବ ବୋଲି ଜଣାପଡ଼ିଛି । ଟ ଏହା ସହିତ ଘଟଣାର କ୍ରାଇମ ରିକ୍ରିଏସନ୍ କରିବାର ମଧ୍ୟ ସମ୍ଭାବନା ରହିଛି ।

## ମୀର୍ଜାପୁରରେ ଅଘଟଣ : ଟ୍ରେନ ଧକ୍କାରେ ଚ଼ାଲିଗଲା ୪ ଜୀବନ



ଭୁବନେଶ୍ୱର,(ପି.ଏନ): ଟ୍ରେନ ଧକ୍କାରେ ଚ଼ାଲିଗଲା ୪ ଜୀବନ । ଉତରପ୍ରଦେଶ ମୀର୍ଜାପୁରରେ ଘଟିଛି ଅଘଟଣ । ଟ୍ରେନ ଲାଇନ ଅତିକ୍ରମ କରୁଥିବାବେଳେ ସେମାନଙ୍କୁ ଧକ୍କା ଦେଇଥିଲା ଟ୍ରେନ । ଗୋଟିଏ ଟ୍ରେନରୁ ଓହ୍ଲାଇ ଅନ୍ୟ ଟ୍ରେନ ଲାଇନ ପାର ହେଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ମୀର୍ଜାପୁର ଅନ୍ତର୍ଗତ ଚ଼ୁନାର ଜଙ୍କସନରେ ଘଟିଛି ଅଘଟଣ । ଏହି ଜଙ୍କସନରେ ସେମାନେ ଚୋପାନ–ପ୍ରୟାଗରାଜ ଏକ୍ସପ୍ରେସରୁ ଓହ୍ଲାଇ ରେଳଲାଇନ ଅତିକ୍ରମ କରୁଥିବାବେଳେ ହାଓଡା–କାଲକା ନେତାଜୀ ଏକ୍ସପ୍ରେସ ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାର ତଦନ୍ତ ଜାରି ରହିଛି । ମୃତକଙ୍କ ପରିଚ଼ୟ ଜଣାପଡିନାହିଁ ।




## ଦୁଇ ଗାଁ ମଧ୍ୟରେ ଭୟଙ୍କର ଗଣ୍ଡଗୋଳ : ପ୍ରବଳ ଟେକା ପଥର ମାଡ଼, ଜାଳି ଦେଲେ ଦୋକାନ



ଭୁବନେଶ୍ୱର,(ପି.ଏନ):ସୀମା ବିବାଦକୁ ନେଇ ଦୁଇ ଗାଁ ମଧ୍ୟରେ ଭୟଙ୍କର ଗଣ୍ଡଗୋଳ । ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଥାନାର କୋଟପଲା ଏବଂ ଓସ୍ତପୁର ମଧ୍ୟରେ ହିଂସାକାଣ୍ଡ । ବଜାରରେ ଥିବା ସବୁ ଦୋକାନ ଜାଳି ଦେଇଛନ୍ତି ଦୁର୍ବୃତ । ପ୍ରବଳ ଟେକା ପଥର ମାଡ଼ । ଖୋର୍ଦ୍ଧା ବାଙ୍କୀ ରାସ୍ତାରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା । ଉଭୟ ପାର୍ଶ୍ୱରେ ଯିବା ଆସିବା ବନ୍ଦ ରହିଛି । ଗାଡ଼ି ମଟର ଅଟକି ରହିଛି । କୋଟପଲା ଏବଂ ଓସ୍ତପୁର ଗାଁର ନାମ ଫଳକ ଲଗାଇବାକୁ ନେଇ ୩ ମାସ ହେଲା ବିବାଦ ଚ଼ାଲିଛି । ଅଗଷ୍ଟ ମାସରୁ ଏହି ଗଣ୍ଡଗୋଳ ଲାଗି ରହିଛି । ପ୍ରଶାସନ ୧୬୩ ଧାରା ଲଗାଇଥିଲା । ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା ପରେ ଶାନ୍ତି ଫେରୁଥିଲା । କିନ୍ତୁ ଆଜି ପୁଣି ଥରେ ଗଣ୍ଡଗୋଳ ଉଗ୍ରରୂପ ନେଇଛି । ଘଟଣାସ୍ଥଳରେ ଖୋର୍ଦ୍ଧା ଏସପି ଓ ୫ ପ୍ଲାଟୁନ ଫୋର୍ସ ପହଂଛନ୍ତି ।

## ଓଡ଼ିଆ ଯାତ୍ରାର ଭେଟେରାନ ଷ୍ଟାର ଦେବୀ ରଥଙ୍କ ଦେହାନ୍ତ

ଭୁବନେଶ୍ୱର,(ପି.ଏନ):ଅଭିନେତା ଦେବୀ ପ୍ରସାଦ ରଥ । ୭୧ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଛି । ଜଗତସିଂହପୁର ଜିଲ୍ଲା ପାରାଦୀପ ଗଡ଼ରେ ଜନ୍ମିତ ଦେବୀ ପ୍ରସାଦ କାର୍ତିକ ପୂର୍ଣ୍ଣିମା ତିଥିରେ ଭୋର ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗରେ ଯାତ୍ରା ଜଗତରେ ଶୋକର ଛାୟା ଖେଳିଯାଇଛି । ଯାତ୍ରା ଜଗତର ବାପା ତଥା ଚ଼ରିତ୍ର ଅଭିନେତା ଭାବେ ସେ ବେଶ ପ୍ରଶଂସା ସାଉଁଟିଥିଲେ । ଜଣେ ଉଚ୍ଚକୋଟୀର କଳାକାର ଥିଲେ ଦେବୀ ପ୍ରସାଦ । ହିରୋଇନରୁ ହିରୋ, ଆଂଟି ହିରୋ ସବୁପ୍ରକାର ଚ଼ରିତ୍ରରେ ସେ ଅଭିନୟ କରିଛନ୍ତି । ୫୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଆ ଯାତ୍ରା ଜଗତରେ ନିଖୁଣ ଅଭିନୟର ଛାପ ଛାଡ଼ି ଯାଇଛନ୍ତି । ଅନେକ ଅପେରା ପାର୍ଟିରେ କାମ କରିଛନ୍ତି । ଆଜି ତାଙ୍କ ବିୟୋଗରେ ଯାତ୍ରା ଜଗତରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ।

## କାଲି ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚ଼ନ, ସରିଛି ପ୍ରଚ଼ାର, ଆଜି ସାଇଲେନ୍ସ ପିରିୟଡ୍

ଭୁବନେଶ୍ୱର,(ପି.ଏନ): ଆସନ୍ତାକାଲି ବିହାରର ପ୍ରଥମ ପର୍ଯ୍ୟାୟ ନିର୍ବାଚ଼ନ । ଗତକାଲି ପ୍ରଚ଼ାର ସରିଥିବା ବେଳେ ଆଜି ସାଇଲେନ୍ସ ପିରିୟଡ୍ । ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ପଡ଼ିବ ଭୋଟ । ୧୩୧୪ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ । କେବଳ ପାଟଣା ବିଧାନସଭାରେ ଅଛନ୍ତି ୧୪୯ ପ୍ରାର୍ଥୀ । ପ୍ରଥମ ପର୍ଯ୍ୟାୟ ମତଦାନର ବେଶ୍ ଗୁରୁତ୍ୱ ରହିଛି । କାରଣ ଏହି ପର୍ଯ୍ୟାୟରେ ଯାହାର ପଲା ଭାରି ରହିବ, ପୂରା ଜନମତ ତା ସପକ୍ଷରେ ଯିବ ବୋଲି ସମୀକ୍ଷକ କହୁଛନ୍ତି । ଆଗରୁ ତ ଲାଲୁ–ନୀତୀଶ ହିଁ ବିହାର ରାଜନୀତିରୁ ଦୁଇ ମୁଖ୍ୟ ବିନ୍ଦୁ ଥିଲେ । ବାକିମାନେ ଏହି ଦୁଇ ଭେଟେରାନଙ୍କ ଚ଼ାରିପଟେ ବୁଲୁଥିଲେ । ଏଥର କିନ୍ତୁ ଗେମ୍ ବିଗାଡ଼ି ପାରନ୍ତି ନୂଆ ଖେଳାଳି ପ୍ରଶାନ୍ତ କିଶୋର । ତାଙ୍କର ଜନ ସୁରାଜ ପାର୍ଟି ପୁରା ବିହାରରେ ପ୍ରାର୍ଥୀ ଦେଇଛି ।

## ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ୪ ଦିନିଆ ଭାରତୀୟ ରୋଡ କଂଗ୍ରେସ

ଭୁବନେଶ୍ୱର,(ପି.ଏନ): ୧୦ ବର୍ଷ ପରେ ଓଡିଶାକୁ ଫେରୁଛି ଇଣ୍ଡିଆନ ରୋଡ କଂଗ୍ରେସ । ୬ ତାରିଖରେ ପ୍ରଦର୍ଶନୀ, ୭ ତାରିଖରୁ ୧୦ ତାରିଖ ଯାଏଁ ସମ୍ମିଳନୀ । ୪ ଦିନିଆ ଆଇଆରସି ପାଇଁ ସଜେଇ ହେଉଛି ଜନତା ମଇଦାନ । ରାସ୍ତା ନିର୍ମାଣ କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର ଉପରେ ସମ୍ମିଳନୀରେ ହେବ ଆଲୋଚ଼ନା । କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ ସମ୍ମିଳନୀର କରିବେ ଶୁଭାରମ୍ଭ, ଯୋଗଦେବେ ଇଂଜିନିୟର, ବିଶେଷଜ୍ଞ, ଅଧିକାରୀ । ରାସ୍ତାରେ କିପରି ଦୁର୍ଘଟଣା କମିବ, ଯାତ୍ରୀଙ୍କ ସୁରକ୍ଷା ବଢିବ, ଗାଡି ଚ଼ାଳକଙ୍କ ପାଇଁ ରାସ୍ତା ନିରାପଦ ହେବ, ଟ୍ରାଫିକ କମିବ, ଏସବୁ ପ୍ରସଙ୍ଗରେ ଇଣ୍ଡିଆନ ରୋଡ କଂଗ୍ରେସରେ ବିସ୍ତୃତ ଭାବେ ଆଲୋଚ଼ନା ହେବ । ୬ ତାରିଖରେ ରାସ୍ତା ନିର୍ମାଣ ସମ୍ପର୍କିତ ମେସିନାରୀ ଓ ଟେକ୍ନୋଲୋଜିକୁ ନେଇ ପ୍ରଦର୍ଶନୀ ଆରମ୍ଭ ହେବ । ୭ ତାରିଖରେ ଉଦଘାଟନୀ ଉତ୍ସବ ପରେ ବିଭିନ୍ନ ଟେକନିକାଲ ସେସନରେ ବିଶେଷଜ୍ଞ ଓ ଇଂଜିନିୟରମାନେ ସେମାନଙ୍କ ମତ ରଖିବେ । ରାଜ୍ୟ ତଥା ଦେଶ ବାହାରୁ ପ୍ରାୟ ସାଢେ ୩ ହଜାର ପ୍ରତିନିଧି ଏହି ସମ୍ମିଳନୀରେ ଭାଗ ନେବେ । ସେମାନଙ୍କ ପାଇଁ ଆତିଥେୟତା, ରହିବା ବ୍ୟବସ୍ଥା ସାଙ୍ଗକୁ ଓଡିଶା ପରମ୍ପରାରେ ସ୍ୱାଗତ ପାଇଁ ଆୟୋଜନ ହୋଇଛି । ଯେହେତୁ ରାସ୍ତା ନିର୍ମାଣ କ୍ଷେତ୍ରରେ ଏହା ସବୁଠାରୁ ବଡ ମଂ*, ଏଥିରେ ରାସ୍ତାର ବିଭିନ୍ନ ଦିଗ ପ୍ରତି ଆଲୋଚ଼ନା କରାଯିବ । ନୂଆ ରାସ୍ତା ନିର୍ମାଣ ବେଳେ ଭବିଷ୍ୟତ ଯୋଜନା ପାଇଁ ଉଭୟ ପାର୍ଶ୍ୱରେ ୫୦ ଫୁଟ ଲେଖାଏଁ ଜାଗା ଛାଡିବା ଉପରେ ଗୁରୁତ୍ୱ ଦେଇଛନ୍ତି ବିଶେଷଜ୍ଞ । ଓଡିଶାରେ ଆଇଆରସି ଆୟୋଜନ ହେବା ସୌଭାଗ୍ୟର କଥା, ହେଲେ ଏଥିରୁ ଓଡିଶାକୁ କେମିତି ଫାଇଦା ମିଳିବ, ତା ଉପରେ ଧ୍ୟାନ ଦେବା ଦରକାର । ଗାଡି ଚ଼ାଳକଙ୍କ ପାଇଁ ପ୍ରତି ୩୦ କିଲୋମିଟରରେ ବିଶ୍ରାମ ସ୍ଥାନ, ଜାତୀୟ ଓ ରାଜ୍ୟ ରାଜପଥ ମଝିରେ କ୍ରସିଂ ନରଖିବା, ଅତ୍ୟାଧୁନିକ ଟେକ୍ନୋଲାଜି ବ୍ୟବହାର କରି ଦୁର୍ଘଟଣା ମୁକ୍ତ କରିବା ଉପରେ ଆଇଆରସିରେ ଆଲୋଚ଼ନା ହେବ ବୋଲି ଜଣାପଡିଛି । ଓଡିଶାରେ ଇଣ୍ଡିଆନ ରୋଡ କଂଗ୍ରେସ ୧୯୫୪, ୧୯୮୨, ୧୯୯୪, ୨୦୦୫, ୨୦୧୫ରେ ହୋଇଥିବା ବେଳେ ଏଥର ୮୪ତମ ଆଇଆରସି ଜନତା ମଇଦାନରେ ଆୟୋଜିତ ହେଉଛି । ଏହାକୁ ସଫଳ କରିବାକୁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ସବୁ ପ୍ରକାର ପ୍ରସ୍ତୁତି କରିଥିବା ବେଳେ ଅନ୍ୟ ବିଭାଗଗୁଡିକ ସହାୟତା କରୁଛନ୍ତି ।

## ଥଇଥାନ ହେବେ ଦୋକାନୀ: ଛାଡ଼ଖାଇ ପାଇଁ ୟୁନିଟ–୪ ମାର୍କେଟରେ ଦୋକାନୀଙ୍କୁ ଛାଡ଼

ଭୁବନେଶ୍ୱର,(ପି.ଏନ): ଏଣିକି ରାସ୍ତାରେ ନୁହେଁ ହାଟ ପିଣ୍ଡିରେ କରିବେ ବେପାର । ଉଚ୍ଛେଦ କରାଯାଇଥିବା ଦୋକାନୀକୁ ଥଇଥାନ ନ କଲେ ଭୁବନେଶ୍ୱର ୟୁନିଟ ୪ ଆମିଷ ବଜାରରେ ଛାଡ଼ଖାଇରେ ଆମିଷ ମିଳିବନି ବୋଲି ଚେତାବନୀ ପରେ ବିଏମସିର ଚେତା ପଶିଛି । ଛାଡଖାଇ ଉଚ୍ଛେଦ ୪ ନମ୍ବର ବଜାରକୁ ଛାଡ କରିଛି ବିଏମସି । ବ୍ୟବସାୟୀଙ୍କ ସହ ଆଲୋଚ଼ନା ପରେ ପୁଣି ଥରେ ସେହି ସ୍ଥାନରେ ବ୍ୟବସାୟ ପାଇଁ ଅନୁମତି ଦିଆଯାଇଛି ।ଗତ ଅକ୍ଟୋବର ୨୯ ରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ୟୁନିଟ ୪ ଆମିଷ ବଜାରରେ ପ୍ରାୟ ୧୪ ରୁ ୧୬ଟି ଦୋକାନ ଭାଙ୍ଗି ଦିଆଯାଇଥିଲା । ତେବେ ଆଗକୁ ଛାଡଖାଇ ଥିବାରୁ ଆଲୋଚ଼ନା ପରେ ଅସ୍ଥାୟୀ ଭାବେ ସେହିଁ ସ୍ଥାନରେ ପୁଣି ବ୍ୟବସାୟ ପାଇଁ ଅନୁମତି ଦିଆଯାଇଛି । ସ୍ଥାୟୀ ବ୍ୟବସ୍ଥା ହେବା ପରେ ୨୩ ଜଣ ଦୋକାନୀଙ୍କ ମଧ୍ୟରୁ ବ୍ୟବସାୟୀଙ୍କ ପାଇଁ ଉଦିଷ୍ଟ ବଜାରରୁ ପ୍ରଥମେ ୧୭ ଓ ପରେ ୬ ଜଣଙ୍କୁ ଥଇଥାନର ବ୍ୟବସ୍ଥା କରାଯିବ । ଏହାସହ ସାମ୍ନାରେ ଯେଉଁ ମାଛ ଦୋକାନୀ ରହିଛନ୍ତି ସେମାନଙ୍କୁ ମଧ୍ୟ ପିଣ୍ଡି କରି ସ୍ଥାନାନ୍ତର କରାଯିବ । ବଜାରର ମରାମତି କାମ ସହ ଥଇଥାନ ପାଇଁ ୩ ମାସ ସମୟ ଲାଗିବ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday November 06 ଭୁବନେଶ୍ୱର ଗୁରୁବାର, ୦୬, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଜିନ୍ଦଲ ଷ୍ଟେନଲେଶ ଦ୍ୱାରା ପ୍ରୋଜେକ୍ଟ ସକ୍ଷ୍ୟମର ଶୁଭାରମ୍ଭ



କଳିଙ୍ଗନଗର,(ପି ଏନ୍): ଯାଜପୁର ତଥା ଓଡିଶାର ଏକ ଅଗ୍ରଣୀ ଶିଳ୍ପ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (JSL) ସହିତ ମିଳିତ ଭାବରେ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଦାନଗଦି ସ୍ଥିତ ଦାନଗଦୀ ଭବନ ପରିସରରେ ପ୍ରୋଜେକ୍ଟ "ସକ୍ଷ୍ୟମ"ର ଶୁଭ ଉଦଘାଟନ ହୋଇଯାଇଛି । ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଏହି ଅଂଚଳରେ ସ୍ୱୟଂ ସହାୟକ ଗୋଷ୍ଠୀ (SHGs) କୁ ସୁଦୃଢ଼ କରିବା ପାଇଁ ଚାଲିଥିବା ପ୍ରୟାସରେ ଆଉ ଏକ ମାଇଲଖୁଂଟ । ଜିନ୍ଦଲ ଷ୍ଟେନଲେସ୍ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (CSR) କାର୍ଯ୍ୟକ୍ରମ ଅଧୀନରେ, ଏହାର ଯାଜପୁର ପ୍ଲାଂଟ ଆଖପାଖରେ ଥିବା ୩୦ଟି ଗ୍ରାମରେ ୩,୨୦୦ ମହିଳାଙ୍କୁ ନେଇ ୩୦୦ ସ୍ୱୟଂ ସହାୟକ ଗୋଷ୍ଠୀ (SHGs) ପ୍ରତିଷ୍ଠା କରିଛି । ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମାଧ୍ୟମରେ, ମହିଳାମାନଙ୍କୁ ଆୟ ସୃଷ୍ଟିକାରୀ ତାଲିମ, ନଥିପତ୍ର ପ୍ରସ୍ତୁତି ତାଲିମ, ବିଭିନ୍ନ କାର୍ଯ୍ୟକ୍ରମ କୁ ନେଇ ପରିଦର୍ଶନ କରାଇବା, ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ଉପଯୁକ୍ତ ମାର୍ଗଦର୍ଶନ ଏବଂ ବ୍ୟାଙ୍କ ଋଣ ପାଇବାରେ ସହାୟତା ପ୍ରଦାନ ଆଦି କାର୍ଯ୍ୟକ୍ରମ କରାଯାଉଛି । ୨୦୦୮ ମସିହାରୁ, ଜିନ୍ଦଲ ଷ୍ଟେନଲେସ୍ ଏହି ଅଂଚଳରେ ସ୍ଥାୟୀ ବିକାଶକୁ ଆଗେଇ ନେବା ପାଇଁ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣରେ ପ୍ରମାଣିତ ବିଶେଷଜ୍ଞତା ଥିବା ଏକ ସଂଗଠନ, ମହାଶକ୍ତି ଫାଉଣ୍ଡେସନ୍ ସହିତ ସହଭାଗୀତା କରିଛି । ଏହି ଦୀର୍ଘକାଳୀନ ସହଯୋଗ ଉପରେ ଆଧାରିତ ହୋଇ, ମହାଶକ୍ତି ଫାଉଣ୍ଡେସନ୍ ଏକ ନୂତନ ପ୍ରୟାସ – ' ସକ୍ଷମ" ନାମକ ଏକ ପ୍ରକଳ୍ପର ଆରମ୍ଭ କରିଛି ଯାହାର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ-ଭିତିକ କାର୍ଯ୍ୟକଳାପର ପ୍ରଭାବକୁ ଗଭୀର କରିବା ଏବଂ ମହିଳାମାନଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ, ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲେ: ଶ୍ରୀ ପ୍ରଦୀପ କୁମାର ସେଠୀ, ମଣ୍ଡଳ ବିକାଶ ଅଧିକାରୀ, ଦାନଗଦୀ ବ୍ଲକ, ଶ୍ରୀମତୀ ନନ୍ଦିନୀ ଲେଙ୍କା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ । ଶ୍ରୀ ପ୍ରଶାନ୍ତ କୁମାର ରାୟ, ମାନ୍ୟବର ସମବାୟ ମନ୍ତ୍ରୀଙ୍କ ପ୍ରତିନିଧି । ଶ୍ରୀ ହେମନ୍ତ କୁମାର ବାହାଲିଆ, ସିଏସଆର ପ୍ରତିନିଧି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ।

## ମୋଦୀ ଅରଣ୍ୟ ବାଟିକାରେ କାର୍ଯ୍ୟରତ ଶ୍ରମିକଙ୍କୁ ବସ୍ତ୍ର ପ୍ରଦାନ



ବାଲିଅନ୍ତା ,(ପି.ଏନ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନସ୍ଥ ସୁଦର୍ଶନ ଦାରୁ ପୀଠରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀ ନାମରେ ନାମିତ 'ମୋଦି ଅରଣ୍ୟ ବାଟିକା' ରେ ବୁଧବାର ଦିନ ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ପରିବେଶଭିତିକ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ କିଛି ଫଳ ଗଛ ରୋପଣ କରାଯାଇଥିଲା ବାଟିକାରେ ୪୦ ପ୍ରକାରର ଫଳ ଗଛ ସହିତ ଔଷଧ ବୃକ୍ଷ ରୋପଣ କରାଯାଇ ଅଛି । ପବିତ୍ର ରାସପୂର୍ଣ୍ଣିମା ଅବସରରେ ସେହି ଉଦ୍ୟାନ ରେ ନିୟୋଜିତ ଶ୍ରମିକ ମାନଙ୍କର କାର୍ଯ୍ୟକୁ ସମ୍ମାନ ପ୍ରଦାନ ସ୍ୱରୂପ ବସ୍ତ୍ର ପ୍ରଦାନ ସହ ପରିବେଶ ସୁରକ୍ଷା ବାର୍ତ୍ତା ଅତିଥିମାନେ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଜେପି ବରିଷ୍ଠ ନେତା ଡ ଅରବିନ୍ଦ ଢ଼ାଲି, ସମ୍ମାନୀତ ଅତିଥି ଭାବେ ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ସରପଂଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମର ମହାପାତ୍ର , ବାଲକାଟି ମଣ୍ଡଳ ବିଜେପି ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ହରିହର ମହାରଣା, ଲକ୍ଷ୍ମଣ ଜେନା ଓ ଉମାକାନ୍ତ ବେହେରା ଯୋଗଦେଇ ବୃକ୍ଷରୋପଣ ଓ ବସ୍ତ୍ର ବଂଟନ କରିଥିଲେ ।

## ଅକ୍ଟୋବରରେ ୨୭୦୨୮ଟି ଟ୍ରାକ୍ଟର ବିକ୍ରି କରିଛି ସୋନାଲିକା ଟ୍ରାକ୍ଟର୍ସ



ଭୁବନେଶ୍ୱର,(ପି.ଏନ): ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଟ୍ରାକ୍ଟର୍ସ ଗତ ଅକ୍ଟୋବର ମାସରେ ୨୭୦୨୮ଟି ଟ୍ରାକ୍ଟର ବିକ୍ରି କରି ଏକ ଉଲ୍ଲେଖନୀୟ ପ୍ରଦର୍ଶନ ରେକର୍ଡ କରିଛି । ଜିଏସ୍‌ଟି ହ୍ରାସ ପରେ ବିକ୍ରି କ୍ଷେତ୍ରରେ ଏହା କମ୍ପାନୀ ପାଇଁ ସବୁଠାରୁ ବଡ ମାସ ଥିଲା । ଏହି ଚମତ୍କାର ପ୍ରଦର୍ଶନ ଅଗ୍ରଣୀ ଟ୍ରାକ୍ଟର ବ୍ରାଣ୍ଡଗୁଡିକ ମଧ୍ୟରେ ୩୪.୮%ର ସର୍ବୋଚ୍ଚ ସାମଗ୍ରିକ ଅଭିବୃଦ୍ଧି ଓ ଶିଳ୍ପଠାରୁ ୨.୩ ଗୁଣ ଅଧିକ ଉନ୍ନତ ପ୍ରଦର୍ଶନ ଦ୍ୱାରା ପରିଚାଳିତ ହୋଇଛି । କମ୍ପାନୀ ଏହି ମାସରେ ପ୍ରାୟ ୨.୨%ର ସର୍ବୋଚ୍ଚ ବଜାର ଅଂଶ ହାସଲ କରିଛି ଯାହା ଉଦ୍ଭାବନ, କୃଷକ କୈନ୍ଦ୍ରିକତା ଏବଂ ଟିମ ଓ ଡିଲରସିପ ମଧ୍ୟରେ ଦ୍ୱିପାକ୍ଷିକ କାର୍ଯ୍ୟକାରୀ ସହଭାଗିତା ଉପରେ କମ୍ପାନୀର ଗୁରୁତ୍ୱକୁ ପ୍ରତିଫଳନ କରୁଛି । ସୋନାଲିକା ଗତ ଅକ୍ଟୋବର ମାସରେ ସର୍ବାଧିକ ଡେଲିଭରି, ସର୍ବାଧିକ ବିଲିଙ୍ଗ ଓ ବିଶ୍ୱର ଏକ ନମ୍ବର ଟ୍ରାକ୍ଟର ପ୍ଲାଂଟରେ ସର୍ବାଧିକ ଉତ୍ପାଦନ ଭଳି ଏକାଧିକ ନୂଆ ମାନଦଣ୍ଡ ହାସଲ କରିଛି ଯାହା କମ୍ପାନୀର ଯତ୍ନଶୀଳ ଯୋଜନା, ଆଗ୍ରହ ଓ ନିଜର ସାମୂହିକ ଶକ୍ତିରେ ବିଶ୍ୱାସ କାରଣରୁ ସମ୍ଭବ ହୋଇପାରିଛି । ଏହି ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ, ରମଣ ମିତଲ କହିଛନ୍ତି, 'ଅକ୍ଟୋବର ୨୦୨୫ ଟ୍ରାକ୍ଟରଗୁଡିକ ଉପରେ ଜିଏସଟି ହ୍ରାସ ହେବା ପରେ ସବୁଠାରୁ ବଡ ମାସକୁ ଚିହ୍ନିତ କରିଛି ଏବଂ ଆମେ ୨୭୦୨୮ଟି ଟ୍ରାକ୍ଟରର ରେକର୍ଡ ସଂଖ୍ୟକ ବିକ୍ରି ସହିତ ଆମର ଅତୁଳନୀୟ ଯାତ୍ରାରେ ନୂଆ ଗୌରବମୟ ଅଧ୍ୟାୟ ଲେଖିଛୁ । ଟ୍ରାକ୍ଟର ଶିଳ୍ପରେ ୩୪.୮%ର ସର୍ବୋଚ୍ଚ ଅଭିବୃଦ୍ଧି ହାସଲ କରି ଆମେ ଶିଳ୍ପ ପ୍ରଦର୍ଶନକୁ ୨.୩ ଗୁଣରେ ପଛରେ ପକାଇଛୁ ଏବଂ ୨.୨%ର ସର୍ବୋଚ୍ଚ ବଜାର ଅଂଶ ହାସଲ ହାସଲ କରିଛୁ । ଏଭଳି ବଡ ସଫଳତାଗୁଡିକ ଆମର ପ୍ରତିବଦ୍ଧତା ଓ ସହଭାଗିତାର ପ୍ରମାଣ ଅଟେ ଏବଂ ମିଳିତ ଭାବେ ବିଜୟ ହାସଲ କରିବାର ଆମର 'ଉତ୍ସାହ'କୁ ସୂଚିତ କରୁଛି ।'

## ଉଦଘାଟିତ ହେଲା କଳିଙ୍ଗ ବାଲିଯାତ୍ରା- ୨୦୨୫




ପାରାଦୀପ,(ପି.ଏନ): ପ୍ରାଚୀନ ନୌବାଣୀଜ୍ୟିକ ପରମ୍ପରାର ଗର୍ବ ଓ ଗୌରବ ବହନ କରିଥିଶ ବାଲିଯାତ୍ରା । ୧୯୯୨ ମସହିହାରୁ ପାରାଦୀପ ସମୁଦ୍ରକୂଳ ସାଗର ବେଳାଭୂମିରେ ଆୟୋଜିତ ହୋଇ ଆସୁଛି କଳିଙ୍ଗ ବାଲିଯାତ୍ରା ମହୋତ୍ସବ । ମଙ୍ଗଳବାର ଦିନ ସଂଧ୍ୟାରେ ଚଳିତ ବର୍ଷର ଏହି ମହୋତ୍ସବକୁ ଉଦଘାଟନ କରିବାକୁ ପାରାଦୀପରେ ପହଂଚିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଗୋପବନ୍ଧୁ ଷ୍ଟାଡିୟମର ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ସେଠାରେ ପଣ୍ଡିତ ଗୋପବନ୍ଧୁ ଦାସ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀ ରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ । ସେଠାରୁ ଏକ ବିରାଟ ପଟୁଆରରେ ଆସି ପହଂଚିଥିଲେ ବାଲିଯାତ୍ରା ମଂଚରେ । ଅନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଉଦଘାଟିତ ହୋଇଥିଲା ଚଳିତ ବର୍ଷର କଳିଙ୍ଗ ବାଲିଯାତ୍ରା ମହୋତ୍ସବ । ଏହି ଉଦଘାଟନୀ ସମାରୋହରେ ନିମନ୍ତ୍ରିତ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୂ ପ୍ରସାଦ ତରାଇ, ମାନ୍ୟବର ବିଧାୟକ ଡ. ରମାକାଂ ଭୋଇ, ପାରାଦୀପ ନଗରପାଳ ବସଂ ବିଶ୍ୱାଳ, ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧକ୍ଷ ଜେ. ସୋନାଲ । କ୍ରମାଗତ ଭାବେ ଦ୍ୱିତୀୟ ଥର କଳିଙ୍ଗ ବାଲିଯାତ୍ରା ମହୋତ୍ସବକୁ ଉଦଘାଟନ କରିବାକୁ ଆସିଥିବାରୁ ଧନ୍ୟବାଦ ଦେଇଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ପ୍ରାଚୀନ ଓଡିଆ ସାଧବମାନେ ସମୁଦ୍ର ଝଡଝଂଜାକୁ ଅତିକ୍ରମ କରି ଯାଭା, ବାଲି, ସୁମାତ୍ରା ଆଦି ସ୍ଥାନକୁ ବୋଇତରେ ଯାତ୍ରା କରି ଓଡିଶାକୁ ସମୃଦ୍ଧ କରିଥିଲେ । ପ୍ରାଚୀନ ଓଡିଆ ସାଧବମାନଙ୍କ ପାଇଁ ସେହି ପ୍ରମୁଖ ଦେଶମାନଙ୍କରେ ଓଡିଆ ଅସ୍ମିତାର ପ୍ରତୀକ ଦେକିବାକୁ ମିଳିଥାଏ ।

## ପାରାଦୀପ ବନ୍ଦର ବୋଇତ ବନ୍ଦାଣ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ପାରାଦ୍ୱୀପ,(ପି.ଏନ): ପାରାଦୀପ ବନ୍ଦରରେ ଆୟୋଜିତ ପାରମ୍ପରିକ ବୋଇତ ବନ୍ଦାଣ ଉତ୍ସବ ୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା, ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ବନ୍ଦର ଭିତିକ ଉନ୍ନତି ଉପରେ ଗୁରୁତ୍ୱ ଦେଇ ଏକ ଦୃଢ ସନ୍ଦେଶ ଦେଇଥିଲେ । ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଇତ ବନ୍ଦାଣ ଓ ବାଲିଯାତ୍ରା କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଐତିହ୍ୟ ଓ ସାଧବମାନଙ୍କ ଦୁଃସାହସିକ ମନୋବଳର ପ୍ରତୀକ । ଏହି ପରମ୍ପରା ଆଜି ବି ଓଡ଼ିଆ ଲୋକଙ୍କୁ ପ୍ରେରଣା ଦେଉଛି ଯେ, ସେମାନେ ଧୈର୍ଯ୍ୟ ଓ ସାହସ ସହିତ ନୂଆ ଶିଖର ଛୁଇଁପାରନ୍ତି । ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରଗତିରେ ପାରାଦୀପ ବନ୍ଦରର ଅଗ୍ରଣୀ ଭୂମିକାକୁ ଉଲ୍ଲେଖ କରି କହିଥିଲେ ଯେ, ଏହା ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ପରିଚ଼ିତ ହୋଇଛି । ୨୦୧୫ ମସିହାରେ ବନ୍ଦରର କ୍ଷମତା ଥିଲା ୭୧ ନିୟୁତ ଟନ୍ ପଣ୍ୟ ଏବେ ଏହାର ଅଭିବୃଦ୍ଧି କ୍ଷମତା ୨୦୨୫ରେ ୧୫୦ ନିୟୁତ ଟନ୍ ?ରେ ପହଁଛି । ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ । "ମାରି-ଟାଇମ ଇଣ୍ଡିଆ ଭିଜନ ୨୦୩୦" ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ୍ ଓ "ବିକଶିତ ଭାରତ ୨୦୪୭" ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ସେ ଘୋଷଣା କଲେ । ସେ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ ବନ୍ଦର ଗଢ଼ିବା ପାଇଁ ଯୋଜନା କରୁଛନ୍ତି । ସେହିପରି, ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ ଓ ପୁରୀରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍ ଗଢ଼ାଯିବ । ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବାଣିଜ୍ୟ, ପର୍ଯ୍ୟଟନ ଓ ଶିଳ୍ପ ମୁଖ୍ୟ କ୍ଷେତ୍ରକୁ ନୂଆ ଦିଗ ଦେବ ବୋଲି ସେ ଆଶା ବ୍ୟକ୍ତ କଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଭାରତ ସରକାରଙ୍କ "ସାଗରମାଳା, ଗତିଶକ୍ତି ଓ ନ୍ୟାସନାଲ୍ ଲଜିଷ୍ଟିକ୍ ପଲିସି" ଯୋଜନା ସହ ସମନ୍ୱୟ ରକ୍ଷା କରି ଓଡ଼ିଶାରେ ବନ୍ଦର ଭିତିକ ଅର୍ଥନୀତି ଗଢ଼ାଯାଇଛି । ରାଜ୍ୟ ସରକାର ତଟବର୍ତ୍ତୀ ଅଂଚଳ ଗୁଡ଼ିକରେ କୋଷ୍ଟାଲ୍ ? ଇକୋନୋମିକ୍ ? ଜୋନ ସ୍ଥାପନ ପାଇଁ ଉଦ୍ୟମ କରୁଛନ୍ତି । ସେ କହିଲେ ଯେ, "ମୋଦୀଜୀଙ୍କ ଦୃଢ ନେତୃତ୍ୱରେ ଭାରତ ନୌବାଣିଜ୍ୟରେ ନୂତନ ଯୁଗକୁ ପ୍ରବେଶ କରିଛି ଓ 'ମାରି-ଟାଇମ୍ ଅମୃତକାଲ୍ ଭିଜନ ୨୦୪୭' ଅନୁଯାୟୀ ଦେଶର ବନ୍ଦରମାନେ ବିଶ୍ୱସ୍ତରୀୟ ହେବେ ।" ଏହି କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚ଼ନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟ ସରକାର ବନ୍ଦରକୁ କେନ୍ଦ୍ର କରି ଶିଳ୍ପ, ଆଧାରଭୂତ ସଂରଚ଼ନା, ନିଯୁକ୍ତି ସୃଷ୍ଟି ଓ ଦକ୍ଷତା ବିକାଶରେ ବିଶେଷ ଗୁରୁତ୍ୱ ଦେଉଛି । ପାରାଦୀପ ବନ୍ଦରର ବିକାଶ ମାତ୍ର ଓଡ଼ିଶାକୁ ନୁହେଁ, ସମଗ୍ର ଭାରତର ମାରିଟାଇମ୍ ଅର୍ଥନୀତିକୁ ଶକ୍ତିଶାଳୀ କରୁଛି । ପାରାଦୀପ ଆଜି କେବଳ ଏକ ବନ୍ଦର ନୁହେଁ, ଏହା ଓଡ଼ିଶାର ଅସୀମ ସମ୍ଭାବନା ଓ ନୂଆ ଭାରତ ଗଢ଼ିବାର ଶକ୍ତିର ପ୍ରତୀକ, ବୋଲି ସେ ଉଲ୍ଲେଖ କରିଥିଲେ । ଗତ ଚ଼ାରି ବର୍ଷ ଧରି ପାରାଦୀପ ବନ୍ଦର ନିରନ୍ତର ଭାବେ ନୂତନ ରେକର୍ଡ ସୃଷ୍ଟି କରିଛି ଓ ପୂର୍ବ ପଚ଼ାଶ ବର୍ଷର ସଫଳତାକୁ ଅତିକ୍ରମ କରିଛି । କ୍ଷମତା ବୃଦ୍ଧି, ବ୍ୟବସାୟିକ ପଦ୍ଧତିର ଉନ୍ନତି, ଦକ୍ଷତା ବିକାଶ ଓ ସମସ୍ତଙ୍କଠାରୁ ଅଧିକ 'ଟିମ୍ ପାରାଦୀପ'ର ଅକ୍ଳାନ୍ତ ଶ୍ରମ ଓ ସମର୍ପଣର ଫଳରେ, ପାରାଦୀପ ବନ୍ଦର ଆଜି ଦେଶର ନମ୍ବର ଏକ ବନ୍ଦର ଭାବେ ପରିଚ଼ିତ ହୋଇଛି ବୋଲି ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ ଉଲ୍ଲେଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, କେନ୍ଦ୍ରାଂଚଳ ଡ଼ି.ଆଇ.ଜି ଡଃ.ସତ୍ୟଜିତ ନାଏକ ପ୍ରମୁଖ ମଂଚାସିନ ଥିବାବେଳେ, ପାରାଦୀପ ବନ୍ଦର ଉପାଧକ୍ଷ ଅଲେଖ ଚ଼ରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ମୁଖ୍ୟ ଅତିଥି ତଥା ସମସ୍ତ ସମ୍ମାନିତ ଅତିଥି ଗଣ ଜାହାଜ 'ତରିଣୀ ' ରେ ବସି ବନ୍ଦର ପରିକ୍ରମା କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray